# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 December – 2025

*********************************

## ମୁଖ୍ୟ ସମ୍ବାଦ

- ହାଇଦ୍ରାବାଦରେ ଓଡ଼ିଶା ନିବେଶ ସମ୍ମିଳନୀକୁ ମିଳିଛି ସଫଳତା; କହିଲେ ମୁଖ୍ୟମନ୍ତ୍ରୀ
- ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଛତିଶଗଡ଼କୁ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ଗଠନ ପାଇଁ ଟ୍ରିବ୍ୟୁନାଲର ନିର୍ଦ୍ଦେଶ
- କ୍ଷୁଦ୍ର ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନେଇ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ
- ଓଡ଼ିଶା ରାଜ୍ୟ ପଛୁଆବର୍ଗ ଆୟୋଗର ପୁର୍ନଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଅନୁରୋଧ

ଏବଂ

- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୮୫ ହଜାର ୪୦୫ ଟନ୍ ଧାନ ସଂଗ୍ରହ

– ଆସନ୍ତାକାଲି ଧାନମଣ୍ଡି ଅବ୍ୟବସ୍ଥାକୁ ନେଇ ଲୋକସେବା ଭବନରେ ହେବ ବୈଠକ

# ମୁଖ୍ୟମନ୍ତ୍ରୀ– ହାଇଦ୍ରାବାଦ ନିବେଶ ସମ୍ମିଳନୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାଇଦ୍ରାବାଦରେ ଅନୁଷ୍ଠିତ ଦୁଇ ଦିନିଆ ଓଡ଼ିଶା ନିବେଶ ସମ୍ମିଳନୀ ଶେଷ କରି ଆଜି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବନେଶ୍ୱରରେ ପହଁଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶା ହେବ ଭାରତର ଅଭିବୃଦ୍ଧି ଇଞ୍ଜିନ। ହାଇଦ୍ରାବାଦରେ ଓଡ଼ିଶା ନିବେଶ ସମ୍ମିଳନୀକୁ ଆଶାତୀତ ସଫଳତା ମିଳିଛି। ସମ୍ମିଳନୀରେ ୨୭ ହଜାର ୬୫୦ କୋଟିର ଟଙ୍କାର ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାସହ ୬୭ ହଜାର କୋଟିର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଫଳରେ ୫୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**- V/O -**

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସମ୍ମିଳନୀରେ ଅକ୍ଷୟଶକ୍ତି, ଖାଦ୍ୟ ପ୍ରକ୍ରିୟାକରଣ, ଯାନବାହାନ ଉତ୍ପାଦନ, ଜୀବବିଜ୍ଞାନ, ଧାତୁ, ଔଷଧ ନିର୍ମାତା ଆଦି କମ୍ପାନୀମାନଙ୍କ ସହ ରାଜ୍ୟରେ ନିବେଶ ପାଇଁ ଆଲୋଚନା ହୋଇଛି । ଅଂଶଗ୍ରହଣକାରୀମାନେ ଓଡ଼ିଶାର ନୂତନ ଫାର୍ମା ନୀତିକୁ ସ୍ୱାଗତ କରିବା ସହ ଏହି ଯାତ୍ରାରେ ସହଭାଗୀ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

Desk

## ମହାନଦୀ ଜଳ ବିବାଦ

ମହାନଦୀ ଜଳ ବିବାଦ ନେଇ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଛତିଶଗଡ଼କୁ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ଗଠନ ପାଇଁ ଟ୍ରିବ୍ୟୁନାଲ ପରାମର୍ଶ ଦେଇଛନ୍ତି। ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଓଡ଼ିଶାର ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ସମ୍ପର୍କରେ ଅବଗତ କରାଇଛନ୍ତି। ଆସନ୍ତା ବର୍ଷ ଏପ୍ରିଲ ମାସରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ସମୟସୀମା ବୃଦ୍ଧି ପାଇଁ ଅନୁମତି ମିଳିଛି। ଏ ନେଇ ଲିଖିତ ଭାବେ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କୁ ଜଣାଇବାକୁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକାଳ ବୃଦ୍ଧି ନିଷ୍ପତ୍ତି ଜାନୁଆରୀ ମାସ ପ୍ରଥମ ସପ୍ତାହ ସୁଦ୍ଧା ମିଳିତ ଭାବେ ଜଣାଇବା ପାଇଁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଫେବୃଆରୀ ମାସ ୭ ତାରିଖରେ ପରବର୍ତ୍ତୀ ଶୁଣାଣି ନେଇ ଦିନ ଧାର୍ଯ୍ୟ ହୋଇଛି।

BBSR/R

## ଚିଟଫଣ୍ଡ ଟଙ୍କା ଫେରସ୍ତ

ରାଜ୍ୟର କ୍ଷୁଦ୍ର ଚିଟଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନେଇ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍ୱଳ୍ପ ଜମାକାରୀ ୧୦ ହଜାର ପର୍ଯ୍ୟନ୍ତ ଟଙ୍କା ପେରସ୍ତ ପାଇବେ। ଲକ୍ଷାଧିକ ଚିଟ୍‌ଫଣ୍ଡ ଜମାକାରୀ ଟଙ୍କା

ପେରସ୍ତ ପାଇସାରିଥିବା ବେଳେ ବର୍ତ୍ତମାନ ସମୟରେ ସରକାର ଆଉ ୫ ଲକ୍ଷ ଜମାକାରୀଙ୍କୁ ଚିହ୍ନଟ କରିଛନ୍ତି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି। ଜମାକାରୀମାଙ୍କୁ ପର୍ଯ୍ୟାୟକ୍ରମେ ସମସ୍ତ ଟଙ୍କା ଫେରାଯିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି।

ଆସନ୍ତା ମାସ ୩୧ ତାରିଖ ପର୍ଯ୍ୟନ୍ତ ଟଙ୍କା ଫେରସ୍ତ ପ୍ରକ୍ରିୟା ଜାରି ରହିବ। ଜମାକାରୀମାନଙ୍କୁ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ, ଆଧାର ପାନ୍, ଭୋଟରକାର୍ଡ ସହ ମୂଳଜମା ରସିଦ ଦାଖଲ କରିବାକୁ ପଡ଼ିବ। ଜମାକାରୀମାନେ ଆବଶ୍ୟକୀୟ ଦସ୍ତାବିଜ ସହ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ପାଖରେ ଯୋଗାଯୋଗ କଲେ ୧୫ ଦିନ ମଧ୍ୟରେ ଜମାଟଙ୍କା ଫେରିପାଇବାର ପ୍ରାବଧାନ ରହିଛି। କ୍ଷୁଦ୍ର ଜମାକାରୀମାନେ ଅଧିକ ଜାଣିବା ପାଇଁ ୦୬୭୪-୨୩୯୫୧୫୩ ନମ୍ବରରେ ଯୋଗାଯୋଗ କରିପାରିବେ।

Desk

# ଜି.ରାମ.ଜି

ବିକଶିତ ଭାରତ ଜି.ରାମ.ଜି ବିଲ୍-୨୦୨୫ ଆଇନରେ ପରିଣତ ହେବା ପରେ ସରକାର ଗ୍ରାମାଞ୍ଚଳରେ ରୋଜଗାରକୁ ସୁନିଶ୍ଚିତ କରିଛନ୍ତି । ବିକଶିତ ଗ୍ରାମପଞ୍ଚାୟତରୁ ବିକଶିତ ଭାରତ ଆଡ଼କୁ ଅଗ୍ରସର କରାଇବାରେ ଏହି ଆଇନ ସହାୟକ ହେବା ସହିତ ଏକ ସମୃଦ୍ଧ, ସ୍ଥିର ଏବଂ

ଆତ୍ମନିର୍ଭଶୀଳ ଭାରତର ମୂଳଦୁଆକୁ ଅଧିକ ମଜବୁତ କରିବ । ଏଥିରେ ବେକାରୀ ଭତ୍ତା ପାଇଁ ଉନ୍ନତ ବ୍ୟବସ୍ଥା, ସଠିକ୍ ସମୟରେ ମଜୁରୀ ପୈଠ, ବିଳମ୍ବ କ୍ଷେତ୍ରରେ କ୍ଷତିପୂରଣ, ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମପଞ୍ଚାୟତ ଯୋଜନା ଗୁଡ଼ିକ ଭଳି ଅନେକ ସୁବିଧା ରହିଛି । କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ମନରେଗାର ପରବର୍ତ୍ତୀ ପଦକ୍ଷେପ ହେଉଛି ବିକଶିତ ଭାରତ ଜି. ରାମ ଜି.। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ କହିଛନ୍ତି, ଗ୍ରାମୀଣ ପରିବାରର ବୟସ୍କ ସଦସ୍ୟଙ୍କୁ ପୂର୍ବ ଯୋଜନା ଅନୁଯାୟୀ ୧୦୦ ଦିନର ମଜୁରୀ ନିଯୁକ୍ତି ମିଳୁଥିବାବେଳେ ଏହି ଆଇନଦ୍ୱାରା ଏହାକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି । ଏଥିରେ କାମ ଆବଣ୍ଟନ ନ ହେଲେ ବେକାରୀ ଭତ୍ତା ଏବଂ ମଜୁରୀ ବିଳମ୍ବ ହେଲେ ଅତିରିକ୍ତ ପରିମାଣର ବ୍ୟବସ୍ଥା ମଧ୍ୟ ରହିଛି ବୋଲି ଶ୍ରୀ ଚୌହାନ କହିଛନ୍ତି । ଚାଷ କାର୍ଯ୍ୟ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀଙ୍କ ପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା ରହିଛି ।

ନୂତନ ଆଇନ ସମ୍ପର୍କରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଆରୁହାବୃତ୍ତି–୧ ପଞ୍ଚାୟତର ସରପଞ୍ଚ ଗୀତାରାଣୀ ଜେନା ପ୍ରତିକ୍ରିୟା ଆକାଶବାଣୀକୁ କହିଛନ୍ତି...

**- V/O –**

# ଓ.ଏସ୍.ସି.ବି.ସି. ପୁର୍ନଗଠନ

ଓଡ଼ିଶା ରାଜ୍ୟ ପଛୁଆବର୍ଗ ଆୟୋଗ– ଓ.ଏସ୍.ସି.ବି.ସି.ର ପୁର୍ନଗଠନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। ରାଜ୍ୟର ଜନସଂଖ୍ୟାରେ ଏକ ପ୍ରମୁଖ ଅଂଶଭାବେ ୨୧୬ଟି ସାମାଜିକ ଏବଂ ଶିକ୍ଷାଗତ ପଛୁଆବର୍ଗ ସମୁଦାୟ ଓଡ଼ିଶାରେ ବସବାସ କରୁଛନ୍ତି। ଆୟୋଗ କାର୍ଯ୍ୟକ୍ଷମ ନ ଥିବାରୁ ଏହି ବର୍ଗର ଲୋକମାନେ ଶିକ୍ଷା, ନିଯୁକ୍ତି ଏବଂ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ ଜାତିକୁ ଏସ୍.ଇ.ବି.ସି. ତାଲିକାରେ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ ଏବଂ ପଛୁଆବର୍ଗଙ୍କ ପାଇଁ ସରକାରଙ୍କୁ ନୀତିଗତ ପରାମର୍ଶ ଦେବାରେ ଓ.ଏସ୍.ସି.ବି.ସି.ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାମାଜିକ ନ୍ୟାୟ ପ୍ରଦାନ ଏବଂ ପଛୁଆବର୍ଗ ଲୋକଙ୍କ ଆଶା ଆକାଂକ୍ଷା ପୂରଣକୁ ଦୃଷ୍ଟିରେ ରଖି କମିଶନର ଶୀଘ୍ର ପୁର୍ନଗଠନ ଏକାନ୍ତ ଆବଶ୍ୟକ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ' ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଜାନୁଆରୀ

ମାସ ୩ ତାରିଖରେ ଓ.ଏସ୍.ସି.ବି.ସି.ର ଆୟୋଗଙ୍କ କାର୍ଯ୍ୟକାଳ ଶେଷ ହୋଇସାରିଛି ।

Desk

## ଧାନମଣ୍ଡି- ବୈଠକ

ରାଜ୍ୟରେ ଧାନମଣ୍ଡି ଅବ୍ୟବସ୍ଥାକୁ ନେଇ ଆସନ୍ତାକାଲି ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ବୈଠକରେ ଧାନ ଉଠାଣ ସମସ୍ୟା ଏବଂ ସମାଧାନ ନେଇ ବିସ୍ତୃତ ଆଲୋଚନା କରାଯିବ । ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହିବେ ।  ବର୍ତ୍ତମାନ ସୁଦ୍ଧା ୮୫ ହଜାର ୧୮୩ ଜଣ ଚାଷୀଙ୍କଠାରୁ ୩ ଲକ୍ଷ ୮୫ ହଜାର ୪୦୫ ଟନ୍ ଧାନ ସଂଗ୍ରହ କରାଯାଇଛି ।

ପୂର୍ବରୁ ମଣ୍ଡି ସମସ୍ୟାର ସମାଧାନ ପାଇଁ ଯୋଗାଣ ମନ୍ତ୍ରୀ ଓ ୩୦ଟି ଜିଲ୍ଲାର ମିଲରଙ୍କ ସହ ବୈଠକ ଶେଷ ହୋଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟରେ ଖରିଫ ଓ ରବି ଋତୁ ପାଇଁ ଏଫ୍.ସି.ଆଇ. ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ଉଷୁନା ଧାନ କିଣିବା ସହ ଚାଉଳର ଶୀଘ୍ର ଉଠାଣ ପାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଅନୁରୋଧ କରିବା ପରେ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ ଟନ୍‌ରୁ ୪୭ ଲକ୍ଷ ମେଟ୍ରିନ୍ ଟନ୍‌କୁ ବୃଦ୍ଧି କରାଯାଇଛି ।

ଅନ୍ୟପକ୍ଷରେ ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୧ ଲକ୍ଷ ମେଟ୍ରିକ ଟନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

Desk

## ଯୁକ୍ତ ଦୁଇ ପରୀକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ଇଣ୍ଟରନାଲ ଆସେସମେଣ୍ଟ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ୩ ଲକ୍ଷ ୭୩ ହଜାର ୯୧୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ଆସନ୍ତା ମାସ ୨୫ ତାରିଖ ମଧ୍ୟରେ ପରୀକ୍ଷା ଖାତା ଦାଖଲ କରିବାକୁ ପରିଷଦ ପକ୍ଷରୁ ସମସ୍ତ କଲେଜକୁ ନିର୍ଦ୍ଦେଶ ଦିଆଯାଇଛି ।

BHK

## ମେଧା ସମ୍ମାନ

ଭଦ୍ରକ ଜିଲ୍ଲା ଧାମନଗରଠାରେ ବିଧାୟକ ମେଧା ସମ୍ମାନ-୨୦୨୫କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଜି ଶୁଭାରମ୍ଭ କରିଛନ୍ତି । ସ୍ଥାନୀୟ ଏନ୍.ଏ.ସି. କଲ୍ୟାଣମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି, ବିଦ୍ୟାଳୟରୁ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ କରିବା ଏବଂ ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ମେଧା ସମ୍ମାନ ପ୍ରୟାସ ଆରମ୍ଭ

କରାଯାଇଛି । ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ବାବଦରେ ପ୍ରତି ଛାତ୍ରଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯିବ । ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ଏ-ୱାନ୍ ଗ୍ରେଡ୍ ପାଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ୧୦ ହଜାର, ଡ୍ରପଆଉଟ୍ ହ୍ରାସ କରିବାରେ ସଫଳ ହୋଇଥିବା ପ୍ରଧାନ ଶିକ୍ଷକଙ୍କୁ ୧୦ ହଜାର ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ଅତିରିକ୍ତ ୧୦ ହଜାର ଟଙ୍କା ପ୍ରଦାନ କରାଯିବ । ନାମଲେଖା କ୍ଷେତ୍ରରେ ୧୫ ପ୍ରତିଶତରୁ ଊର୍ଦ୍ଧ୍ୱ ପ୍ରାଥମିକ, ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିକାଶ ପାଇଁ ବିଧାୟକ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି ।

Nabarangpur

## ଅଭିଯୋଗ ଶୁଣାଣି ଶିବିର

ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ସୁନୀଲ ସମ୍ପତ ମଡକର ଯୋଗଦେଇ ୨୭ଟି ଅଭିଯୋଗର ଶୁଣାଣି କରିଥିଲେ । ଏଥିରେ ୪ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା ।

Desk

## ଗଣିତ ଦିବସ

ପ୍ରଖ୍ୟାତ ଭାରତୀୟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ୨୦୧୨ ମସିହାରୁ ଆଜିର ଦିନକୁ ଜାତୀୟ ସ୍ତରରେ ଗଣିତ ଦିବସ ଭାବେ ପାଳନ କରାଯାଉଛି । ଦୈନନ୍ଦିନ ଜୀବନରେ ଗଣିତର ମହତ୍ୱ ସହିତ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟାନ୍ୟ ଉଦ୍ଭାବନରେ ଏହି ପାଠର ଭୂମିକା ଅତ୍ୟନ୍ତ ଭାବେ ନିବିଡ଼ । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି **ଗଣିତ, କଳା ଏବଂ ନବସୃଜନ** । ଗଣିତର ଧାରା, କଳାତ୍ମକ ଭାବନା ଏବଂ ସ୍ଥାୟୀ ବିକାଶ ପାଇଁ ନବସୃଜନକୁ ସଂଯୋଗ କରିବା ଏହି ଦିବସ ପାଳନର ମହତ୍ତ୍ୱ । ଏହି ଅବସରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗଣିତଜ୍ଞ ରାମାନୁଜନ୍‌ଙ୍କ ଜୀବନ ଏବଂ ତାଙ୍କ ଗଣିତର ମହତ୍ୱ ବିଷୟରେ  ଆଲୋଚନା କରାଯାଉଛି ।

BHK

## ବେଟି ବଚାଓ

ଭଦ୍ରକ ଜିଲ୍ଲା ପ୍ରଶାସନ, ସମାଜ ମଙ୍ଗଳ ବିଭାଗ ପକ୍ଷରୁ 'ବେଟି ବଚାଓ, ବେଟି ପଢ଼ାଓ', ଆର୍ଥିକ ସାକ୍ଷରତା ଓ ଅଧିକାର, ସାମାଜିକ ଏବଂ ରାଜନୈତିକ ଅଧିକାର ସମ୍ପର୍କରେ ଏକଦିବସୀୟ କର୍ମଶାଳା ଭଦ୍ରକ ମହିଳା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ମହିଳା ଓ କିଶୋରୀମାନଙ୍କୁ ସଚେତନ କରାଇଥିଲେ ।

MET

# ପାଣିପାଗ

ରାଜ୍ୟର ସମସ୍ତ ଅଞ୍ଚଳରେ ରାତି ତାପମାତ୍ରା ହ୍ରାସ ପାଇବା ସହ ଥଣ୍ଡାର ପରିମାଣ ବୃଦ୍ଧି ପାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ୭ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ସୁନ୍ଦରଗଡ଼, ଝାରସୁଗୁଡ଼ା, କନ୍ଧମାଳ, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାର କେତେକ ସ୍ଥାନରେ ଘନକୁହୁଡ଼ି ନେଇ ସତର୍କ ସୂଚନା ଜାରି କରାଯାଇଛି। ଫୁଲବାଣୀ ଜିଲ୍ଲାରେ ସର୍ବନିମ୍ନ ରାତି ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।